କଲିକତା, ଉତ୍କଳ ଭବନ
୨୯-୬-୭୭
ସମୟ : ସକାଳ ୮ଟା

ଘର,

ଚିରଦିନ ତମୁକୁ ଏଇ ଗୋଟିଏ ନାଁରେ ଡାକିଚି, 'ଘର' । ହୃଦୟ ଭିତରେ ତୁମ ପ୍ରତି ଗଭୀର ଯେଉଁ ସ୍ନେହ, ଯାହାକୁ ମୁଁ ରୂପ ଦେଉଛି, ମୋର ଅସଂଖ୍ୟ ଗଳ୍ପ ଉପନ୍ୟାସ ନାଟକ ପ୍ରବନ୍ଧ କବିତା ଭିତରେ, ଏଇ ୩୭ ବର୍ଷଯାକ, ଯେଉଁ ସ୍ନେହକୁ ବିଛେଇ ଦେଲେ ସାରା ବସୁଧା ପୂର୍ଣ୍ଣ ହୋଇ ଆହୁରି ଲମ୍ବିଯାଏ ମହାଶୂନ୍ୟକୁ ବୋଲି, ଯେ ମୋ ସାହିତ୍ୟରେ ରୂପ ପ୍ରକାଶ କରେ, ନାନା ଅଜଣା ପାତ୍ରପାତ୍ରୀଙ୍କ ସମ୍ବନ୍ଧ ପ୍ରକାଶରେ, ମନ ବିଶ୍ଳେଷଣରେ–ତୁମକୁ ଚିଠିରେ ସମ୍ବୋଧନ କଲାବେଳେ ସେ ଖାଲି ପଦେ ଶବ୍ଦ– 'ଘର' ।

ତୁମେ ଯାକୁ (ଏ ଶବ୍ଦକୁ) ଓ ମତେ (ମୋ ସ୍ନେହକୁ ମୋ ମନକୁ) କ'ଣ ବୁଝି ଆସିଚ ନିଜକୁ ଅନୁଭବ କଲେ ବୁଝିପାରିବ ଅବା, ବୁଝି ନ ପାରିବ ବି, ଭଗବାନ ବି ତାଙ୍କ (ଭଗବାନଙ୍କ) ନିଜ ମନ କଥା ବୁଝିପାରନ୍ତି ନାହିଁ । ତୁମେ କ'ଣ ନିଜ ହୃଦୟକୁ ବୁଝିବ ? ଆଉ, ସଂସାରରେ ଅନ୍ୟ କେଉଁ ଲୋକର ତୁମ ପ୍ରତି ସ୍ନେହ– ସେ କେଉଁ ଭଦ୍ରଲୋକ କି ତୁମ ପୁଅ ଝିଅ ନାତି, ନାତୁଣୀ ହୋଇଥାଉ, ସମାନ ହେବ, ମୋର ଏ ଆଜୀବନ ଏକନିଷ୍ଠ ସ୍ନେହ ସଂଗେ ? ମୁଁ ସାଧାରଣ ନୁହେଁ, ମୋ ସ୍ନେହ, ମୋ ଅନୁରକ୍ତି ଏ ବି ସମାନ ନୁହେଁ । ମୁଁ ଏ ସଂସାରରେ ଜନ୍ମ ନିଏ କେଉଁ 'ଯୁଗ'ରେ ଥରେ, ଶହେ ବର୍ଷରେ କି ହଜାରେ ବର୍ଷରେ କି ଦଶ ହଜାର ବର୍ଷରେ । ମୁଁ ଚାଲିଗଲା ପରେ – ଯେବେ ହେଉ ତ ଯିବି । ମୋ ମନ ମୋ ଇଚ୍ଛାର ଅଧୀନ । ମୋର 'ମୃତ୍ୟୁ' ଯଦି ଦେହ ଛାଡ଼ିବାକୁ 'ମୃତ୍ୟୁ' କହ, ଯେ ଲୋକେ ଖୋଜିବେ ମୋର ବାସ୍ନା ସ୍ମରଣ କରି, ବଡ଼ ଡେରିରେ ପାଇବେ ନାହିଁ । ମୋ ବାପା ଭଲ ଲୋକ ଥିଲେ । ତିରିଶି ବର୍ଷ 'ଲୟ ଯୋଗ' କରି ଅନ୍ତର ଭିତରେ ଆତୁର ହୋଇ ଲୋଡ଼ିଥିଲେ ମୁଁ ଜନ୍ମ ହୁଏ, ମୁଁ ତାଙ୍କ 'ସ୍ୱପତ୍ନୀ' ଉଦରେ 'ନବମ ଗର୍ଭରେ', ଯେଉଁ ଛୁଆ ପେଟରେ ସେ ହିଁ ନଷ୍ଟ ହୋଇଛି ତାକୁ ଛାଡ଼ିଦେଲେ 'ଅଷ୍ଟମ ଗର୍ଭରେ' ସେ କାକତାଳୀୟ ନୁହେଁ । ମୁଁ ଚାହିଁଲେ ଆସକ୍ତ ହୋଇପଡ଼େ, ନିଜ ଇଚ୍ଛାରେ । ସେତେବେଳେ ମୋର ସ୍ନେହ ମମତା ଦୁର୍ବଳତା, ଆଉ ମୂହୁର୍ତ୍ତରେ ମୁଁ ସେଠି ନାହିଁ । ମୋର ସେ ସଂସାରୀ ମମତା ନାହିଁ । ଏଭଳି ଆଉ କେବେ ତୁମକୁ ଲେଖିନାହିଁ କହିଥିବି କ୍ୱଚିତ୍, ମୋ 'ମୁଁ ତ୍ୱ' ବିଷୟରେ, ଆଜି ହଠାତ୍ ଭାବ ଆସିଛି, ତୁମେ ଦିନା କେତେ ପାଇଁ ମୋଠୁ ଦୂରକୁ ଯାଉଛ । କଜିଆ କରି ଚାଲି ଆସିଥିଲି, ମୁଁ ତ କଜିଆ କରିନାହିଁ । ତୁମେ ଆଣ୍ଟୁଆ ବୁଝି ମନବ୍ୟସ୍ତ କରିଥିଲ, ତୁମେ ବି ତା ଆଦୌ କରିନା, ଜାଣିଶୁଣି କରିନା, ଯେଉଁ ଅନ୍ଧାରୀ ଅମଙ୍ଗଳୀ ଶକ୍ତି ପ୍ରତି ମଣିଷର ସଂଗେ ସଂଗେ ଥାଏ, ଜୀବନ ସହିତ ମୃତ୍ୟୁ ଭଳି, ଆଲୁଅ ସହିତ ଛାଇ ପରି, ଭଗବାନଙ୍କ ସଂଗେ ସଂଗେ ଅସୁର ପରି, ସେ ଯେଉଁ 'ତାମସୀ ଶକ୍ତି', ସବୁ ଅଶାନ୍ତି ସବୁ ଅନର୍ଥର ମୂଳ ଯେ ସେଇ ତୁମକୁ ମତେ ନଚେଇଥିଲା । ମୁଁ କ'ଣ ତାଂକୁ (ତାକୁ ତାଂକୁ କୁହାଯାଏ, ସେ ବି ଦେବୀଙ୍କର ଅନ୍ୟ ରୂପ । ତେଣୁ 'ଚଣ୍ଡୀ'ରେ ତାଂକୁ ସ୍ତୋତ୍ର ଅଛି) ଚିହ୍ନି ନାହିଁ ? ସେଥିପାଇଁ ତୁମେ ମୁଁ ଦାୟୀ ନୋହୁଁ, ଦାୟୀ ବୋଲି ଭାବିବା ଭୁଲ୍ ହେବ ।

ହଉ ଶୁଣ, କାବି ପାଖକୁ ଯାଉଚ, ଝଅଟି ଲେଉଟି ଆସିବଟି, ନଇଲେ ଘରେ ମୁଁ ଏକୁଟିଆ, ତୁମେ ଆସିବାଯାକେ ଘର ବଗିଚା, ସଜାଉଥିବି, ବହୁତ ମଞ୍ଜି ଆଜି ନଉଚି । ଫୁଲଗଛ ଏଠି ନାଇଁ, ସବୁ ଖଡଗପୁର ମେଦିନୀପୁର ଆଡୁ ଆସେ ।

ହାବୁଡ଼ା ଟେସନରେ ସେମାନଙ୍କୁ ଭେଟିବାକୁ, ତୁମ ସୁବିଧା ଅସୁବିଧା ବୁଝିବାକୁ ମୁଁ ପଦ୍ମ ଲୋଚନ ବାରିକ, ଟୋକାଟିକି ବରଗି ଯାଉଚି । ମନେଥିବ, ସେ ଭୁବନେଶ୍ୱର ଘରକୁ ଆସିଥିଲା, ଚପରାସି ଚାକିରୀ ଦରଖାସ୍ତଟିଏ ଧରି । ଉତ୍କଳ ଭବନର ଚପରାସି ବାଲେଶ୍ୱରର ଲକ୍ଷ୍ମଣ ବାରିକର ସେ ନିଜ ପୁତୁରା ତା ସଂଗେ ଯାଇପାରେ । ମୋର ଏଠିକାର ଆଉ ଗୋଟିଏ ଟୋକା ଅନୁଗତ 'ବନ୍ଧୁ' । ଜାତିରେ ମେହେନ୍ତର, ଉତ୍କଳଭବନ ସ୍ୱିପରର ପୁତୁରା, ଆମ ବ୍ୟାଙ୍କରେ 'ଚପରାସି' କାମ କରେ । ପହଞ୍ଚି ଚିଠି ଦେବ ।

ମୁଁ ଚେଷ୍ଟା କରୁଚି ଆଜି ପ୍ଲେନରେ ପଳେଇବାକୁ । ତା' ହେଲେ ଭୁବନେଶ୍ୱରରେ ଦେଖାହେବ । କାବିକୁ, କିରଣକୁ ଆଶୀର୍ବାଦ । ସେଠି ପହଞ୍ଚି ଟେଲିଗ୍ରାମ କରିବ ।

୮ ଟା ୩୫ ହେଲା, ରହିଲି ।

ତୁମର
ମୁଁ
(ଗୋପୀନାଥ ମହାନ୍ତି)